# ଦେଶୀ ବିହନ ଓ ଜୈବିକ କୃଷି ପ୍ରତି ସଚେତନତା




ରାୟଗଡା, (ସବ୍ୟୁ): ରାୟଗଡା ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମପଞ୍ଚାୟତର ପିଟୁଡି ଉଦୟପୁର ଓ ଫୁଲକୋନା ଗ୍ରାମରେ ଶାଲାର ଫାଉଣ୍ଡେସନ ପକ୍ଷରୁ ଦେଶୀ ଧାନ ବିହନ ଚାଷ ଏବଂ ଜୈବିକ କୃଷି ସମ୍ପର୍କିତ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ରାଲିର ମୂଳ ଉଦ୍ଦେଶ୍ୟ ଥିଲା କୃଷକମାନଙ୍କୁ ଦେଶୀ ବିହନର ସୁରକ୍ଷା ଜୈବିକ ଚାଷର ଲାଭ ଏବଂ ରାସାୟନିକ ସାର ଓ କୀଟନାଶକର କୁପ୍ରଭାବ ସମ୍ପର୍କରେ ସଚେତନ କରିବା। କାର୍ଯ୍ୟକ୍ରମରେ ଶାଲାର ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଦେଶୀ ଧାନ ବିହନର ଗୁରୁତ୍ୱ ଓ ଜୈବିକ କୃଷି ପ୍ରଣାଳୀର ଆବଶ୍ୟକତା ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ ଯେ ଦେଶୀ ବିହନ ଆମ ପାରମ୍ପରିକ ସମ୍ପଦ ଏବଂ ଏହାର ସୁରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ସଚେତନତା ରାଲିରେ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ରଞ୍ଜନ ମାଣ୍ଡାଙ୍ଗୀ, ନର୍ସି କୁଲେସିକା ଏବଂ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେମାନେ ଗ୍ରାମରେ ଘରେ ଘରେ ଯାଇ ଲୋକମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପ୍ରେରିତ କରିଥିଲେ। ଗ୍ରାମବାସୀ ଓ କୃଷକମାନେ ଏହି ରାଲିକୁ ସ୍ୱାଗତ କରିବା ସହ ଭବିଷ୍ୟତରେ ଦେଶୀ ବିହନ ବ୍ୟବହାର କରି ଜୈବିକ ପଦ୍ଧତିରେ ଚାଷ କରିବା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଶାଲାର ଫାଉଣ୍ଡେସନ ପକ୍ଷରୁ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## କୁମୁଲି ଜଗନ୍ନାଥ ମନ୍ଦିରରେ ଚୋରି ଘଟଣା

# ସୁନା, ରୁପା ଅଳଙ୍କାର ଜବତ : ଜଣେ ମହିଳା ସମେତ ତିନି ଗିରଫ

ବୋରିଗୁମ୍ମା,(ସବ୍ୟୁ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବି. ସିଂହପୁର ଥାନା ପୁଲିସ ଦୁଇଟି ପୃଥକ ପୃଥକ ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି । କୁମୁଲି ଜଗନ୍ନାଥ ମନ୍ଦିର ଚୋରି ଘଟଣାରେ ଗିରଫ ଅଭିଯୁକ୍ତ ହେଲେ କୋରାପୁଟ ଟାଉନଥାନା ଅଧିନସ୍ଥ ମୃଷାପୁଟ ଅଞ୍ଚଳର ହେବଲ ଖୋସଲା (୩୨) ଓ ସେହିପରି ଦ୍ୱିତୀୟ ଚୋରି ବୋଡିଗାଁ ଚୋରି ମାମଲାରେ ସମ୍ପୃକ୍ତ ନନ୍ଦିନୀ ଦାଶ ଓରଫ ଲକ୍ଷ୍ମୀ ସାଗର (୨୫) ଓ ନନ୍ଦିନୀଙ୍କ ସ୍ୱାମୀ ସୁରେଶ ଦାସ (୨୯) ଘର ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର କେନାଲ ସାହି ବୋଲି ପୋଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି । ତେବେ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟ ୫ ରୁ ୬ ଜଣ ଏବେ ବି ଫେରାର ଅଛନ୍ତି। ପ୍ରକାଶ ଥାଉକି ଗତ ୧୪.୦୪.୨୦୨୬ ତାରିଖ ରାତିରେ କୁମୁଲି ଜଗନ୍ନାଥ ମନ୍ଦିରର ତାଲାଭାଙ୍ଗି ମହାପ୍ରଭୁଙ୍କ ସୁନା, ରୁପା ଚୋରୀ ହେବା ସହ ହୁଣ୍ଡି ଭାଙ୍ଗି ଟଙ୍କା ନେଇଥିଲେ। ପୋଲିସ ଚୋରି ସାମଗ୍ରୀ ମଧ୍ୟରୁ ଠାକୁରଙ୍କ ବ୍ୟବହାର ହେଉଥିବା ୫୦୦ ଗ୍ରାମ ରୁପା ନିର୍ମିତ ସାମଗ୍ରୀ ଏବଂ ମନ୍ଦିରରେ ବ୍ୟବହୃତ ଶିବଙ୍କ ରୁଦ୍ରାକ୍ଷ ଜବତ କରିଥିଲା । ଦ୍ୱିତୀୟ ଚୋରି ଘଟଣାରେ ଏକ ତୁଳା ସୁନା , ୨୬୦ ଗ୍ରାମ ରୁପା ଏବଂ ୨ଟି ପୁରୁଣା ମୁଦ୍ରା ଜବତ କରାଯାଇଛି। ଅଭିଯୁକ୍ତ ମାନେ ତାଲା



ଭାଙ୍ଗିବାରେ ବ୍ୟବହାର କରିଥିବା ଲୁହା ଛଡ଼ ୨ଟି, କି ପ୍ୟାଡ ମୋବାଇଲ ୨ ଟି, ୩ଟି ମୋଟର ସାଇକଲ,ଖଣ୍ଡା ଓ ଲଙ୍କାଗୁଣ୍ଡ ଜବତ କରାଯାଇଛି। ଏନେଇ ବୋରିଗୁମ୍ମା ଏସଡ଼ିପିଓଙ୍କ କର୍ଯ୍ୟାଳୟରେ ଅପରାହ୍ନରେ ଏସଡ଼ିପିଓ ସତ୍ୟବ୍ରତ ଲେଙ୍କା ଏବଂ ଥାନା ଅଧିକାରୀ ଲିମାରାଜ ପ୍ରଧାନ ମିଳିତ ଭାବେ ସାମ୍ବିଦକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବି ସିଂପୁର ଥାନାର ଏସ ଆଇ ସୁରଜ ପ୍ରଧାନ, ହାବିଲଦାର ଅନିରୁଦ୍ଧ ବିଷୋୟୀ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ବି ସିଂପୁର ଥାନା ଅନ୍ତର୍ଗତ ରାଣିଗଡ଼ ଆଉଟ ପୋଷ୍ଟର ଏଏସଆଇ ଆର. ଶ୍ରୀନୁ ଅଭିଯୋଗ ଅନୁସାରେ ଗତ ୧୮.୦୫.୨୬ ରେ କିଛି ଅଜଣା ଦୁର୍ବୃତ୍ତ ରାତି ୧୨ ଟା ସମୟରେ ମୋଟର ସାଇକେଲରେ ମାରଣାସ୍ତ୍ର ଧରି ଲାଠିକଟା ଓ ଭାଲୁମହଲ ଜଙ୍ଗଲରେ ବୁଲୁଥିଲେ। ସେମାନଙ୍କୁ ସନ୍ଦେହ କରି ବି ସିଂପୁର ପୋଲିସ ଅତର୍କିତ ଭାବେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ପରେ ସେମାନେ କୁମୁଲି ଜଗନ୍ନାଥ ମନ୍ଦିର ଓ ବୋଡିଗାଁରୁ ଚୋରୀ କରିଥିବା ପୋଲିସ ସାମ୍ନାରେ ସ୍ୱୀକାର କରିଛନ୍ତି ।

## ଜମି ଅଧିଗ୍ରହଣକୁ ନେଇ ତୀବ୍ର ବିରୋଧ

# ଧାରଣାରେ ବସିଲେ ଶତାଧିକ ଗ୍ରାମବାସୀ

ରାଉରକେଲା,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ବନ୍ଧମୁଣ୍ଡା ଡୁମେର୍ତା ସ୍ଥିତ ବରକାନି ଗାଁରେ ମଙ୍ଗଳବାର ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ଚାଲିଥିବା ଜମି ଅଧିଗ୍ରହଣ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ତୀବ୍ର ବିରୋଧ ହୋଇଥିଲା । ଗାଁର ଶତାଧିକ ମହିଳା ଓ ପୁରୁଷ ପ୍ରଚଣ୍ଡ ଖରା ମଧ୍ୟରେ ହାତରେ ଛତା ଧରି ଏକତ୍ରିତ ହୋଇ ଜମି ଅଧିଗ୍ରହଣ ହେଉଥିବା ସ୍ଥାନରେ ଧାରଣାରେ ବସି ରହିଛନ୍ତ। ମିଳିଥିବା ସୂଚନା ଅନୁଯାୟୀ, ସକାଳଠାରୁ ଗ୍ରାମବାସୀମାନେ ଜମି ଅଧିଗ୍ରହଣ କାର୍ଯ୍ୟକୁ ବିରୋଧ କରି ଆନ୍ଦୋଳନ ଆରମ୍ଭ କରି ଦେଇଛି।

ଗ୍ରାମବାସୀଙ୍କ ଅଭିଯୋଗ ରହିଛି ଯେ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପ୍ରବନ୍ଧନ ବରକାନି ଗାଁର ଜମିକୁ ଅଧିଗ୍ରହଣ କରୁଥିବାବେଳେ ପ୍ରଭାବିତ ପରିବାରମାନଙ୍କୁ ଯଥୋଚିତ କ୍ଷତିପୂରଣ କିମ୍ବା ପୁନର୍ବାସ ସୁବିଧା ପ୍ରଦାନ କରାଯାଉ ନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଛି। ବିକ୍ଷୋଭ ସମୟରେ ମହିଳାମାନେ ମଧ୍ୟ ଆଗକୁ ଆସି ନିଜ ଜମି ଓ ଅଧିକାର ସୁରକ୍ଷା ପାଇଁ ସ୍ଲୋଗାନ ଦେଇଥିଲେ। ପ୍ରଚଣ୍ଡ ଖରା ସତ୍ତ୍ୱେ ଗ୍ରାମବାସୀମାନେ ଦୀର୍ଘ ସମୟ ଧରି ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଥିଲା।

ସେପଟେ ଘଟଣାସ୍ଥଳରେ ପରିସ୍ଥିତି ତିବ୍ର ହେଉଥିବା ଦେଖି ସ୍ଥାନୀୟ ବନ୍ଧମୁଣ୍ଡା ପୁଲିସ ପହଞ୍ଚି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲା। ପୁଲିସ ପକ୍ଷରୁ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିବା ସୂଚନା ମିଳିଛି। ତେବେ ଏହି ଘଟଣାକୁ ନେଇ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପ୍ରବନ୍ଧନ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିପାରିନାହିଁ।

# ଡୁଡା ସମୀକ୍ଷା ବୈଠକ : ପ୍ଲାଷ୍ଟିକ ବିରୋଧୀ ଅଭିଯାନ କଡାକଡି

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା) ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ତିନୋଟି ଏନଏସି ନୂଆପଡା, ଖଡିଆଳ ଓ ଖରିଆର ରୋଡର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ପ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକର ମୁଖ୍ୟ ନିଷ୍ପତ୍ତି ଓ ପ୍ରଗତି ଉପରେ ଆଲୋଚନା କରାଯାଇଥିଲା । ପ୍ଲାଷ୍ଟିକ ବ୍ୟବହାର ଉପରେ କଡ଼ା ରୋକ ଲଗାଇବା ଉପରେ ବିଶେଷ ଆଲୋଚନା ହୋଇଥିଲା। ଜିଲ୍ଲାର ବିଭିନ୍ନ ଏନଏସି ଅଞ୍ଚଳରୁ ବହୁ ପରିମାଣର ପ୍ଲାଷ୍ଟିକ ଜବତ କରାଯାଇଛି। ପ୍ଲାଷ୍ଟିକ ଡିପୋ ଉପରେ ନିୟମିତ ଚଢାଉ ସହ ପ୍ଲାଷ୍ଟିକ ବ୍ୟବହାର ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପିଏମଏଓ୍ୱାଇ ୨.୦ ଅଧୀନରେ ଖରିଆର ରୋଡ ରେ ୩୯% ଏବଂ ନୂଆପଡା ଏନଏସିରେ ୨୯% ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଆବର୍ଜନା ସଂଗ୍ରହକୁ ସୁଦୃଢ କରିବା ପାଇଁ ବ୍ୟାଟେରୀ ଚାଳିତ ଯାନ ବ୍ୟବହାର କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ୟାକ୍ସ ବକେୟା ରଖିଥିବା ସରକାରୀ କାର୍ଯ୍ୟାଳୟଗୁଡିକ ବିରୋଧରେ ପ୍ରକ୍ରିୟା ଆରମ୍ଭ କରି ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ବୈଠକରୁ ଶ୍ରେଷ୍ଠ ଟ୍ୟାକ୍ସ ସଂଗ୍ରାହକ, ସ୍ୱଚ୍ଛତା ଓ୍ୱାର୍ଡ ଏବଂ ସହଯୋଗ କରୁଥିବା ବ୍ୟକ୍ତି/ସଂସ୍ଥାକୁ ପୌର ମିତ୍ର ପୁରସ୍କାରରେ ସମ୍ମାନିତ କରାଯିବ। ବୈଠକରେ ତିନୋଟି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ସ୍ୱାଧୀନ ମହାରଣା, କମଳାସନ ରଥ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରବି ଧାନ କିଣା ଆରମ୍ଭ

# ପ୍ରଥମ ଦିନରେ ୧୭୪୮ କ୍ୱିଣ୍ଟାଲ ଧାନ ସଂଗ୍ରହ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରବି ଧାନ ସଂଗ୍ରହ ପ୍ରକିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମୋଟ ୧୭୪୮.୫୬କ୍ୱିଣ୍ଟାଲ ଧାନ କିଣା ଯାଇଛି। ଏହାପୂର୍ବରୁ ବରେଇପାଲି ମାର୍କେଟ ୟାର୍ଡ ଠାରେ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ବୈଠକ ହୋଇଥିଲା। ସଭାପତି ବ୍ୟୋମକେଶ ଠାକୁର ଅଧ୍ୟକ୍ଷତା କରିଥିଲେ। ରାଜ୍ୟସ୍ତରୀୟ ଧାନକ୍ରୟ ନୀତିକୁ ପୂର୍ବରୁ ବିରୋଧ କରାଯାଇଥିଲା।

ସମୁଦାୟ ୨ୟ ପର୍ଯ୍ୟାୟ ଟୋକନ ନଆସିବା ଯାଏଁ ଧାନ କିଣାବିକା କରାଯିବ ନାହିଁ ବୋଲି ନିଷ୍ପତି ନିଆଯାଇଥିଲା। ତେବେ ଚାଷୀଙ୍କ ଅଧିକାଂଶ ଟୋକନ ଆସିଥିବାରୁ ଏହି ନିଷ୍ପତିକୁ ପରିବର୍ତ୍ତନ କରାଯାଇଛି। ଏଭଳିସ୍ଥଳେ ଚାଷୀ, ସରକାର, ବିରୋଧି ଓ ପ୍ରଶାସନ ମଧ୍ୟରେ ବୈଠକ ପରେ ଧାନ କିଣା ଆରମ୍ଭ ହୋଇଥିଲା। ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଓ ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଧାନ କିଣା ପ୍ରକିୟାର ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨ହଜାର୩୬୯ ଟଙ୍କା ଏବଂ 'ଗ୍ରେଡ୍-ଏ' ଧାନ ୨ହଜାର୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ରବି ୨୦୨୫-୨୬ ପାଇଁ ମୋଟ ୧୯ହଜାର୧୧୩ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ୫୬ଟି ମଣ୍ଡି କାର୍ଯ୍ୟକ୍ଷମ ହୋଇଛି। ଏଥିରେ ୩୨ଟି ପ୍ୟାକ୍ସ ଏବଂ ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୪୮ ଜଣ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି।

# ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଲେ ଦୁର୍ବୃତ୍ତ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ବାବା ମନ୍ଦିର ନିକଟରୁ ଜଣେ ବୃଦ୍ଧାଙ୍କ ବେକରୁ ଦୁର୍ବୃତ୍ତ ମାନେ ସୁନା ଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଏନେଇ ରେଙ୍ଗାଲି ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ସୂଚନାଯୋଗ୍ୟ, ରେଙ୍ଗାଲି ଥାନା ଅନ୍ତର୍ଗତ ଜଗନ୍ନାଥ ପଡ଼ାର ସବିତା ନାୟକ(୭୦) ସକାଳେ ବାବା ମନ୍ଦିରକୁ ପୂଜା କରିବା ପାଇଁ ଆସିଥିଲେ। ପୂଜା ସାରି ରାମସାଗର ପୋଖରୀ ଦେଇ ଘରକୁ ଫେରୁଥିବା ବେଳେ ଦୁଇ ଜଣ ଅଜଣା ଯୁବକ ବାଇକ୍‌ରେ ଆସି ତାଙ୍କୁ ରାସ୍ତା ପଚାରିବା ବାହାନା କରିଥିଲେ। ବୃଦ୍ଧା ଜଣକ କିଛି ବୁଝିବା ପୂର୍ବରୁ ଜଣେ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲା। କିଛି କ୍ଷଣ ମଧ୍ୟରେ ସେମାନେ ଫେରାର ହୋଇ ଯାଇଥିଲେ। ତେବେ ଜଣେ ବିଧବା ବୃଦ୍ଧାଙ୍କ ଠାରୁ ସୁନାଚେନ୍ ଲୁଟ୍ ଘଟଣା ପରେ ପୋଲିସର କାର୍ଯ୍ୟଶୈଳୀ ଓ ସୁରକ୍ଷା ବ୍ୟବସ୍ଥା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଘଣ୍ଟାପଡ଼ା ଡିଗ୍ରୀ କଲେଜର ଛାତ୍ରଛାତ୍ରୀଙ୍କ କ୍ଷେତ୍ର ପରିଦର୍ଶନ




କଣ୍ଟାମାଳ, (ସବ୍ୟୁ): ମଙ୍ଗଳବାର ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ଆଞ୍ଚଳିକ ଗ୍ରାମ ପଞ୍ଚାୟତ ଡିଗ୍ରୀ (ଯୁକ୍ତ ୩ କଳା)କଲେଜ ର ଶିକ୍ଷା ବିଭାଗ ତରଫରୁ ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀ କୋଡ଼ିବାହାଲ ଗ୍ରାମର ଅଙ୍ଗନଓ୍ୱାଡ଼ିକୁ ଯାଇ ପାଠ୍ୟକ୍ରମ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟଜନିତ ବ୍ୟବସ୍ଥା ବିଷୟରେ ଏକ ସର୍ଭେକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବିଭାଗୀୟ କୋଡିନେଟର ଅଧାପକ ସୁନିଲ କୁମାର ଗୁରୁ ନେତୃତ୍ୱରେ କର୍ମଚାରୀ ପଞ୍ଚାନନ ଚୌହାନ, ନରେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ତୈଳ ଯୋଗାଣ ବିତରଣରେ ଅନିୟମିତତା ଅଭିଯୋଗ

# ଜିଲ୍ଲାପାଳ, ଏସ୍‌ପିଙ୍କ ପେଟ୍ରୋଲ ପମ୍ପ ଉପରେ ଚଢାଉ



ଭବାନୀପାଟଣା, (ସବ୍ୟୁ): ଜିଲ୍ଲାରେ ତୈଳ ଯୋଗାଣ ବିତରଣରେ ଅନିୟମିତତା ହେଉଥିବାର ଅଭିଯୋଗ କ୍ରମେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ , ଏସପି ନାଗରାଜ ଦେବରକୋଣ୍ଡା ଓ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ ମିଳିତ ଭାବରେ ଭବାନୀପାଟଣା ସହରର ବିଭିନ୍ନ ପେଟ୍ରୋଲ ପମ୍ପ ଉପରେ ଅଚାନକ ଚଢାଉ କରିଥିଲେ । ଚଢାଉ ସମୟରେ ପଣ୍ଡା ଫୁଏଲସ ରେ ୧୨୮୯୧ ଲିଟର ଡିଜେଲ ଏବଂ ୧୩୨୪୫ ଲିଟର ପେଟ୍ରୋଲ ଗଚ୍ଛିତ ଥିବା ଜଣା ପଡିଥିଲା । ସେହିପରି ପ୍ରଧାନ ଫୁଏଲସରେ ୫୦୩୮ ଲିଟର ଡିଜେଲ ଏବଂ ୬୮୮୦ ଲିଟର ପେଟ୍ରୋଲ ଗଚ୍ଛିତ ଥିବା ଜଣା ପଡିଥିଲା । ବର୍ତମାନ ସୁଦ୍ଧା ଜିଲ୍ଲାରେ ୪୫୦୮୨୫ ଲିଟର ଡିଜେଲ ଏବଂ ୬୧୩୯୭୮ ଲିଟର ପେଟ୍ରୋଲ ଗଚ୍ଛିତ ଅଛି । ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା ଓ ନିୟମିତ ଯୋଗାଣ ଜାରି ରହି ଥିବାରୁ ଜିଲ୍ଲାପାଳ, ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ଓ ଆତଙ୍କିତ ହୋଇ ପେଟ୍ରୋଲ ପମ୍ପ ମାନଙ୍କରେ ଭିଡ ନ ଜମାଇବା ପାଇଁ ଅନୁରୋଧ କରିଥିଲେ। ତୈଳ ମହଜୁଦକାରୀ ଓ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ - ୧୯୫୫ ଅନୁଯାୟୀ କଠୋର କାର୍ଯାନୁଷ୍ଠାନ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ବିଡିଓ ଓ ତହସିଲଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ସ୍କୁଟି ସହ କଫ ସିରପ ଜବତ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ କଫସିରପ ଚୋରାଚାଲାଣ ବେଳେ ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ପଥରଗଡା ଗ୍ରାମର ଲୋକନାଥ ନାଗ(୩୩) ବୋଲି ଜଣାପଡିଛି। ତାଙ୍କ ନିକଟରୁ ୧୮୦ବୋତଲ ନିଶା କଫସିରପ, ଏକ ମୋବାଇଲ ଫୋନ, ୨୬୦ଟଙ୍କା ଓ ସ୍କୁଟି ଜବତ ହୋଇଛି। ଏନେଇ ୧୫୪/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦର ଥାନା ପୋଲିସ ଜୟନ୍ତପୁର କ୍ରସର ରୋଡ ନିକଟରେ ସ୍କୁଟି ଗାଡି ନମ୍ବର(ଓଡି୧୭ଏମ୍-୦୦୯୧)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଉପରୋକ୍ତ ନିଶା କଫସିରପ ସହ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦେଶୀ ଗୋମାତାଙ୍କ ଜରିଆରେ

# ଗ୍ରାମ୍ୟ ଅର୍ଥନୀତିର ସୁଦୃଢ଼ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲାରେ ଦେଶୀ ଗୋମାତାଙ୍କ ଜରିଆରେ ଗ୍ରାମ୍ୟ ଅର୍ଥନୀତିକୁ ମଜବୁ କରିବା ଏବଂ ପ୍ରାକୃତିକ କୃଷିର ପୁନରୁଦ୍ଧାର ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ପ୍ରମୁଖ ଗୋ-ପାଳନ ଯୋଜନା 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ରେ ଥିବା କେତେକ ବୈଜ୍ଞାନିକ, ଆର୍ଥିକ ଓ ପ୍ରଶାସନିକ ତ୍ରୁଟି ଯୋଗୁଁ ଜିଲ୍ଲାର ଗରିବ ଓ ପ୍ରକୃତ ଚାଷୀମାନେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ସଙ୍ଗଠନ ଅଭିଯୋଗ କରିଛି। ତେଣୁ ସୋନପୁର ମାଟିରେ ବିଦେଶୀ ଗାଈ ବଦଳରେ 'ଦେଶୀ ଗାଈ କ୍ରାନ୍ତି' ମାଧ୍ୟମରେ ପ୍ରାକୃତିକ ଚାଷର ପ୍ରସାର କରିବା ସହ ଜୈବିକ ଚାଷ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ସଙ୍ଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ଭାରତୀୟ ଦେଶୀ ଗାଈର ଗୋବର-ଗୋମୂତ୍ର ଜୈବିକ ଚାଷ ପାଇଁ ଅମୃତ ସଦୃଶ ଅଟେ । ମାତ୍ର ବର୍ତ୍ତମାନର ସରକାରୀ ନିୟମ ଅନୁଯାୟୀ, ଜଣେ ଚୟନ ହୋଇଥିବା ହିତାଧିକାରୀଙ୍କୁ ଗାଈ ପିଛା ପ୍ରାୟ ୯୦,୦୦୦ ଟଙ୍କା ଅଗ୍ରୀମ ନିଜ ପକେଟରୁ ପ୍ରଥମେ ଜମା କରିବାକୁ ପଡୁଛି । ଯାହାଦ୍ୱାରା ଚାଷୀମାନେ ବାଧ ହୋଇ ଏହି ଯୋଜନାରୁ ଓହରି ଯାଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ୯୦,୦୦୦ ଟଙ୍କାର ଅଗ୍ରୀମ ଆର୍ଥିକ ବୋଝ ହଟାଇ, 'ଜାତୀୟ ଦୁଗ୍ଧ ବିକାଶ ବୋର୍ଡ' (ଏନ.ଡି.ଡି.ବି) ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ସହ ସଂଯୋଗ କରି ସବସିଡି ପ୍ରଦାନର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି । ସଙ୍ଗଠନ ଆହୁରି ମଧ୍ୟ ଅଭିଯୋଗ କରିଛି ଯେ, ଦେଶର ସର୍ବୋଚ୍ଚ ସଂସ୍ଥା ହୋଇ ମଧ୍ୟ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ସୁବର୍ଣ୍ଣପୁର ଜିଲ୍ଲାରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇ ରହିଛି । ତେଣୁ ଏହି ବୋର୍ଡକୁ ସିଧାସଳଖ ଭାବେ କାର୍ଯ୍ୟରେ ନିୟୋଜିତ କରି ଜିଲ୍ଲାରେ ଭଲ ବଂଶର ଦେଶୀ ଗାଈ ଯୋଗାଣ ଏବଂ ବୈଷୟିକ ସହାୟତା ପ୍ରଦାନ କରାଯାଉ । ଏହା ସହିତ ଜିଲ୍ଲାରେ ପଞ୍ଚଗବ୍ୟ ଚିକିତ୍ସା, ପ୍ରସାଧନ ସାମଗ୍ରୀ ନିର୍ମାଣ, ଗୋବର ଚାରକୋଲ, ମହାପ୍ରୟାଣ କାଠ ଏବଂ ବାୟୋ ଗେସ୍ ୟୁନିଟ୍ ଆଦିର ତାଲିମ ପ୍ରଦାନ କରାଯାଇ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ (ଏସଏଚଜି) ଓ ବେରୋଜଗାର ଯୁବକମାନଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଦାବି ହୋଇଛି। ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କୃଷକ ପ୍ରତିନିଧି, ପ୍ରାଣୀସମ୍ପଦ ବିଭାଗ, ବ୍ୟାଙ୍କ ଅଧିକାରୀ ଏବଂ ଏନ.ଡି.ଡି.ବି ର ପ୍ରତିନିଧିମାନଙ୍କୁ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ ଡକାଇବାକୁ ନବନିର୍ମାଣ କୃଷକ ସଙ୍ଗଠନ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛି ।

# ଝାରସୁଗୁଡ଼ାରେ ଏସ୍‌ଆଇଆର୍ ପାଇଁ ପକ୍ରିୟା ଆରମ୍ଭ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଏସ୍‌ଆଇଆର୍ ୨୦୨୬ ପାଇଁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହିତ ସ୍ୱତନ୍ତ୍ର ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ବ୍ରଜରାଜ ନଗର) ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ( ଝାରସୁଗୁଡ଼ା) ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ ପ୍ରମୁଖ ଉପସ୍ଥିତ ଥିଲେ।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)- ୨୦୨୬ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହିତ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ୨୦୨୬ ଏସ୍‌ଆଇଆର୍ ପାଇଁ ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ଏହି ତାରିଖ ସୁଦ୍ଧା ୧୮ ବର୍ଷ ଏବଂ ତା ଠାରୁ ଉର୍ଦ୍ଧ୍ୱ ବୟସ ହେଉଥିବା ସମସ୍ତ ଯୋଗ୍ୟ ଭାରତୀୟ ନାଗରିକ ମତଦାତା ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବେ। ସେଥିପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରାଯାଉଛି। ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯିବ। ୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ୬ ସେପ୍ଟେମ୍ବର ୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସ୍‌ଆଇଆର୍ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା, ଫର୍ମ ବଣ୍ଟନ ଓ ସଂଗ୍ରହ କରିବେଛ ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ଣ୍ଣ ସହଭାଗିତା ସହ କାର୍ଯ୍ୟାନ୍ୱୟନ କରିବାପାଇଁ, ଜିଲ୍ଲା ନିର୍ବାଚନ ଅଧିକାରୀ, ଝାରସୁଗୁଡ଼ା ସମସ୍ତ ରାଜନୈତିକ ଦଳକୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲ୍ଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ବୈଠକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ବିଜେପି, ବିଜେଡି, କଂଗ୍ରେସ ଏବଂ ବିଏସ୍ପି ର ଜିଲ୍ଲା ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ଦଳର ଏହି ପ୍ରମୁଖ ସଦସ୍ୟମାନଙ୍କ ସହ ସବିଶେଷ ଆଲୋଚନା କରାଯାଇଥିଲା।

# ରେଙ୍ଗାଲିରେ ଗ୍ରାମୋଦୟ ଯୋଜନା ସହିତ ଆର୍ଥିକ ସାକ୍ଷରତା ଉପରେ ସଚେତନତା



ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ଗ୍ରାମ ପଞ୍ଚାୟତ ସମ୍ମୁଖ ହାଟ ପଦା ଠାରେ ଗ୍ରାମୋଦୟ ଯୋଜନା ସହିତ ଆର୍ଥିକ ସାକ୍ଷରତା ଉପରେ ସଚେତନତା କାଯ୍ୟକ୍ରମ ସରପଞ୍ଚ ଉମାକାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ମୁଖ୍ୟ ଅତିଥି ରୁପେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜିତା ପଟ୍ଟା, ସମ୍ମାନୀତ ଅତିଥି ରୂପେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଏସ ବି ଆଇ ଖପ୍ରାଖୋଲ ଶାଖା ପରିଚାଳକ ଅନୀଲ କୁମାର ମେହେର , ଏଫ୍ ଇ ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ପି ଇ ଓ ବାହୁବଳେନ୍ଦ୍ର ପୁରୋହିତ ଯୋଗଦେଇ ଗ୍ରାମୋଦୟ ଯୋଜନାରେ ଚିହ୍ନଟ ଗାଁ ର ସାମଗ୍ରିକ ବିକାଶ ସହିତ ସରକାରୀ ଯୋଜନାର ଲାଭ ନେବାକୁ କହିଥିଲେ। ଏହି ଅବସରରେ ଆର୍ଥିକ ସାକ୍ଷରତା ସହିତ ସୁକନ୍ୟା ସମୃଦ୍ଧି ଯୋଜନା ରେ ଜମା ଖାତା ଖୋଲି ଝିଅ ମାନଙ୍କ ଭବିଷ୍ୟତ ପାଇଁ ଅଧିକ ସୁଧର ଲାଭ ନେବା ସହିତ ସୁନିଶ୍ଚିତ ଭବିଷ୍ୟତ ଗଠନ କରିବାକୁ କହିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ରେ ଧନୀ ଫାଉଣ୍ଡେସନ ର ପ୍ରେମଲାଲ ମାଝୀ, ବିଶିକେଶନ ମାଝୀ, ଏ ଡି ଏ ଓ ପ୍ରଶାନ୍ତ ମହାପାତ୍ର,ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଚାଷୀ ଉପସ୍ଥିତ ଥିବା ବେଳେ ନାରାୟନ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ

# କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀଙ୍କ ପାଇଁ 'ଆରୋଗ୍ୟ ସେବା' ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ) : ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ଚକ୍ରଧରପୁର ଗ୍ରାମରେ ଅବସ୍ଥିତ ଏହାର ପାରାଦ୍ୱୀପ ଟାଉନସିପ୍ ପ୍ରକଳ୍ପ ସ୍ଥଳୀରେ ୧୦୦ ରୁ ଅଧିକ କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀଙ୍କ ପାଇଁ ଏକ 'ଆରୋଗ୍ୟ ସେବା' ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହା କର୍ମଚାରୀଙ୍କ କଲ୍ୟାଣ ଏବଂ କାର୍ଯ୍ୟକ୍ଷେତ୍ରର ସୁରକ୍ଷା ପ୍ରତି କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରିଛି। ଏହି ଶିବିରରେ ଅଂଶଗ୍ରହଣକାରୀମାନଙ୍କର ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଅତ୍ୟାବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟତୀତ, ଅଂଶଗ୍ରହଣକାରୀମାନଙ୍କୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ



ମଧ୍ୟ ପରାମର୍ଶ ଦିଆଯାଇଥିଲା, ଯାହା କର୍ମଚାରୀଙ୍କ ସୁସ୍ଥତା ପ୍ରତି କମ୍ପାନୀର ସକ୍ରିୟ ଆଭିମୁଖ୍ୟକୁ ଦର୍ଶାଉଛି। ଏହି ଶିବିରକୁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍ ର ଏଚ୍‌ଆର ଓ ଆଇଆର ବିଭାଗ ମୁଖ୍ୟ ଶ୍ରୀ ସୁନୀଲା ଦାସ କର୍ମଚାରୀ ଏବଂ କେଏମଭି ପ୍ରୋଜେକ୍ଟସର ସହଯୋଗୀ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରାଜେଶ ମିଶ୍ର ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସଆର ବିଭାଗ ଡାକ୍ତର ନିରଞ୍ଜନ ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା, ଯାହା ସମସ୍ତ ଅଂଶଗ୍ରହଣକାରୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ବ୍ୟାପକ ଯତ୍ନ ଓ ଧ୍ୟାନକୁ ସୁନିଶ୍ଚିତ କରିଥିଲା। ଏହି କାର୍ଯ୍ୟକ୍ରମ କମ୍ପାନୀର ପ୍ରୋସେଫ୍ ଢାଞ୍ଚା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ଉତ୍ପାଦକତା , ସୁରକ୍ଷା, ଉପଲବ୍ଧତା, ସୁବିଧା ସୁଯୋଗ ଏବଂ ସହଭାଗିତାକୁ ଦର୍ଶାଉଛି । ସଂଗଠନର ଦକ୍ଷତା ବୃଦ୍ଧି କରିବା ସହ ଯତ୍ନ ଓ ଦାୟିତ୍ୱବୋଧର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଢାଞ୍ଚାକୁ ପ୍ରସ୍ତୁତ କରାଯାଇଛି। ଆରୋଗ୍ୟ ସେବା ସ୍ୱାସ୍ଥ୍ୟ ଶିବିର ଭଳି ବିଭିନ୍ନ ପଦକ୍ଷେପ ମାଧ୍ୟମରେ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ କର୍ମଚାରୀଙ୍କ କଲ୍ୟାଣ ଏବଂ କାର୍ଯ୍ୟକ୍ଷେତ୍ରର ସୁରକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ଦୃଢ଼ତା ପ୍ରଦାନ କରିଚାଲିଛି।

## ବଜାଜ ଜେନେରାଲ ଇନସ୍ୟୁରାନ୍ସ ଦ୍ୱାରା ଏମ୍‌ଏଚ୍‌ସିପି ଏଜ୍+ ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ବଜାଜ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବ ନାମ - ବଜାଜ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍), ଆଜି 'ମାଇଁ ହେଲ୍ଥ କେୟାର ପ୍ଲାନ୍ ଏଜ୍+' (ଏମଏଚସିପି ଏଜ୍+) ର ଶୁଭାରମ୍ଭ ଘୋଷଣା କରିଛି. ଏହା ଏକ କମ୍ପ୍ରିହେନ୍ସିଭ୍ ହେଲ୍ଥ ଇନଡେମନିଟି ସଲ୍ୟୁସନ ଯାହା ବର୍ଦ୍ଧିତ ନମନୀୟତା ଏବଂ କଷ୍ଟମାଇଜେସନ୍ ମାଧ୍ୟମରେ ବଢୁଥିବା ସ୍ୱାସ୍ଥ୍ୟସେବା ଖର୍ଚ୍ଚର ମୁକାବିଲା କରିବା ଏବଂ ପକେଟରୁ ହେଉଥିବା ଖର୍ଚ୍ଚକୁ କମ୍ କରିବା ପାଇଁ ପରିକଳ୍ପିତ ହୋଇଛି। ଏହାର ବର୍ତ୍ତମାନର ଏମଏଚସିପି ଅଫରିଙ୍ଗ ର ଦୃଢ଼ ଭିତ୍ତିଭୂମି ଉପରେ ନିର୍ମିତ, ଏମଏଚସିପି ଏଜ୍+ ମୂଳ ହସ୍ପିଟାଲାଇଜେସନ୍ କଭରେଜକୁ ବ୍ୟାପକ ଅସ୍ପତାଲ ରାଇଡର ସହିତ ସଂଯୋଗ କରେ।

## ରାଜ୍ୟରେ ମଣ୍ଡି ଓ ଟୋକନ ସମସ୍ୟା ଯୋଗୁଁ ବଢୁଛି ଚାଷୀ ଅସନ୍ତୋଷ

# ହକ୍ ପାଇଁ ରାଜରାସ୍ତାରେ ଲଢ଼େଇ କରୁଛି ଚାଷୀ: ବିଜେଡି

ଭୁବନେଶ୍ୱର,(ସବ୍ୟୁ): ୨୦୨୪ ସାଧାରଣ ନିର୍ବାଚନରେ ଚାଷୀକୂଳ ପାଇଁ ବିଜେପି ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର ହୋଇଛି । ଚାଷୀଙ୍କୁ ଏମଏସ୍ପି ସହିତ ୮୦୦ ଟଙ୍କାର ଇନ୍ପୁଟ୍ ସବ୍ସିଡି ଦେବାର ଆଶ୍ୱାସନା ଦେଇଥିବା ବିଜେପି ସରକାର ଚାଷୀମାନଙ୍କୁ ଶୋଷଣ କରୁଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ବ୍ୟୋମକେଶ ରାୟ, ବିଜେପି ସରକାରର ଚାଷୀ ମାରଣ ନୀତି ଯୋଗୁଁ ଚାଷୀ ନିଜର ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛି । ରାଜ୍ୟରେ ଚାଷୀ ମାନଙ୍କ ସମସ୍ୟା ଉତ୍କଟ ରୂପ ନେଉଥିବା ବେଳେ ସରକାର ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି । ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେପି, ଚାଷୀକୂଳ ପ୍ରତି ଉଦାସୀନତା ପନ୍ଥା ଅବଲମ୍ବନ କରିବା ନିନ୍ଦନୀୟ ବୋଲି କହିଥିଲେ ।ସଞ୍ଜୟ କୁମାର ଦାସବର୍ମା କହିଥିଲେ, ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଓଡ଼ିଶାର ଚାଷୀକୂଳକୁ ଆଶ୍ୱସ୍ତ କରିଥିଲା ଯେ, ଏମ୍‌ଏସ୍ପି ସହିତ ୮୦୦ ଟଙ୍କାର ଇନ୍ପୁଟ୍ ସବ୍ସିଡି ଦେଇ ଧାନ କିଣିବୁ ଏବଂ ଚାଷୀର ସମସ୍ତ ବଳକା ବିକ୍ରିଯୋଗ୍ୟ ଧାନ ସଂଗ୍ରହ କରିବୁ । ଏହା ଭିତରେ ଦୁଇଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରଙ୍କ ଅପାରଗତା କାରଣରୁ ଚାଷୀକୂଳ ଆଜି ଦୁର୍ଦ୍ଦିନରେ କାଳାତିପାତ କରୁଛି । ବିଜେପିର ମିଛ ପ୍ରତିଶ୍ରୁତିର ଶିକାର ହୋଇ ଚାଷୀକୁ ଆଜି ରେଜିଷ୍ଟ୍ରେସନ ପାଇଁ, ଟୋକନ ପାଇଁ, ମଣ୍ଡି ଖୋଲିବା ପାଇଁ ଓ ନିଜ କଷ୍ଟ ଉପାର୍ଜିତ ଫସଲକୁ କିପରି ବିକ୍ରି କରିପାରିବେ, ସେଥିପାଇଁ ବାରମ୍ବାର ରାଜରାସ୍ତାରେ ଆନ୍ଦୋଳନ କରିବାକୁ ପଡୁଛି । ରାଜ୍ୟର ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଆଗରେ ହଜାର ହଜାର ଚାଷୀଙ୍କ ଆକୁଳ ରୋଦନ ଆଜି ସାରା ଭାରତବର୍ଷରେ ମୁଖ୍ୟ ଖବର ହୋଇଛି । ରାଜ୍ୟର ଖାଦ୍ୟ ଭଣ୍ଡାର କୁହାଯାଉଥିବା ପଶ୍ଚିମ ଓଡ଼ିଶାରେ ଚାଷୀଭାଇ ମାନେ ଆନ୍ଦୋଳନକୁ ଓହ୍ଲାଇ ସରକାରଙ୍କ ଚାଷୀକୂଳ ପ୍ରତି ଥିବା ବୈମାତୃକ ମନୋଭାବ ବିରୋଧରେ ରାଜରାସ୍ତାରେ ଗର୍ଜନ କରୁଛନ୍ତି । ଦୁଃଖ ଓ ପରିତାପର ବିଷୟ ଚାଷୀକୂଳ ପ୍ରତି ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁଁ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି । ବିଜେପି ଦଳ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପୂରଣ କରି ଚାଷୀଙ୍କ ସମସ୍ୟା ଦୂର କରନ୍ତୁ । ସରକାର ଯଦି ଆଗକୁ ଚାଷୀଙ୍କ ସମସ୍ୟା ପ୍ରତି ଯଦି କୌଣସି ଠୋସ୍ ପଦକ୍ଷେପ ନ ନିଅନ୍ତି, ତେବେ ବିଜୁ ଜନତା ଦଳ ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନକୁ ତୀବ୍ରତର କରିବ ।

ଶ୍ରୀ ବ୍ୟୋମକେଶ ରାୟ କହିଥିଲେ ଯେ, ଖରିଫ ସିଜିନ୍‌ରେ ରେକର୍ଡ ସଂଖ୍ୟକ ଧାନ ଅମଳ ହୋଇଥିଲା । ଗତବର୍ଷ ଯେଉଁ ଧାନ ସଂଗ୍ରହ ହୋଇଥିଲା, ତାହା ସରକାର ଓ ମିଲ୍ ମାନଙ୍କ ପାଖରେ ଭରପୂର ମାତ୍ରାରେ ରହିଥିଲା । ସରକାରଙ୍କ ପାଖରେ ଆଉ ଜାଗା ନଥିଲା ଏ ବର୍ଷର ଧାନ କିଣିବା ପାଇଁ । ଯାହା ମୁଖ୍ୟମନ୍ତ୍ରୀ ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ ସ୍ୱୀକାର କରିଛନ୍ତି । ସରକାର ପ୍ରଥମ ଦିନରୁ ଚେଷ୍ଟା କରିଥିଲେ କିପରି ଏବର୍ଷ କମ୍ ଧାନ ସଂଗ୍ରହ କରାଯିବ ।

## ଟ୍ରେନରୁ ଖସି ଯାତ୍ରୀଙ୍କ ମୃତ୍ୟୁ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ବାଲୁଗାଁ ଓ ଗଙ୍ଗାଧରପୁର ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ରେଳଧାରଣା କଡ଼ରୁ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର କରାଯାଇଛି । କୌଣସି ଏକ ଚଳନ୍ତା ଟ୍ରେନରୁ ଖସିପଡ଼ିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ।ମିଳିଥିବା ସୂଚନା ମୁତାବକ, ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ । ଆଜି ରେଳଧାରଣା କଡ଼ରେ ଶବ ପଡ଼ିଥିବା ଦେଖିବାକୁ ମିଳିବା ପରେ ଖୋର୍ଦ୍ଧାରୋଡ ରେଳବାଇ ପୋଲିସକୁ ସୂଚନା ଦିଆଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।ମୃତକଙ୍କ ନିକଟରୁ କୌଣସି ପରିଚୟ ପତ୍ର ମିଳିନଥିବା ବେଳେ ତାଙ୍କ ପ୍ୟାଣ୍ଟ ପକେଟରୁ ଏକ ଟ୍ରେନ ଟିକେଟ ଜବତ କରାଯାଇଛି ।

# ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ ପକ୍ଷରୁ 'ସମ୍ଭାବନା' ଦିବସ

କଟକ,(ସବ୍ୟୁ): ଶିକ୍ଷାବିତ୍ ତଥା ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼କ୍ଟର ପ୍ରଭୁ ଚରଣ ମହାନ୍ତିଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବିଭିନ୍ନ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ ର ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ। ଏହି ଦିବସକୁ ଏକ ସମ୍ଭାବନାର ଦିବସ ରୁପେ ପାଳନ କରିଛନ୍ତି ସେମାନେ। ସ୍କୁଲର ଅନ୍ୟତମ ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ଭାବନା ଦିବସରେ ଉଦ୍ଘାଟକ୍ ଭାବେ କଟକ ମେୟର ସୁବାସ ସିଂ,ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ଡ଼କ୍ଟର ହରେକୃଷ୍ଣ ଶତପଥୀ, ଅନ୍ୟତମ ଅତିଥି ଭାବେ ସମାଜର ପ୍ରକାଶକ ରାଜେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଡ଼କ୍ଟର ମହାନ୍ତି ନିଜର ଜନ୍ମଦିନକୁ ଯେଉଁଭଳି ଆଦୃତ

ଚିଲଡ୍ରେନ୍ସ ଅନାଥ ଆଶ୍ରମ ର ପିଲାମାନଙ୍କ ସହିତ ପାଳନ କରି ସମାଜର ଗରିବ ନିଷ୍ପେଷିତଙ୍କ ଭବିଷ୍ୟତ ସମ୍ଭାବନାର ବାର୍ତ୍ତା ଦେଉଛନ୍ତି ତାହା ପ୍ରଶଂସନୀୟ ବୋଲି କହିଛନ୍ତି। ନିଜ ଜୀବନରେ



ଅନେକ ବାଧାବିଘ୍ନକୁ ଅତିକ୍ରମ କରି ସେ ଶିକ୍ଷା କ୍ଷେତ୍ରରେ ସମ୍ଭାବନାର ଆଶା ସଞ୍ଚାର କରୁଛନ୍ତି ବୋଲି ଅତିଥିମାନେ ମତ ରଖିବା ସହ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଡକ୍ଟର ମହାନ୍ତି ସମସ୍ତ ଅତିଥି ଓ ସ୍କୁଲର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନୂଆବଜାର ଏବଂ ଉଦିମୂଳ ସେଣ୍ଟ୍ ଜାଭିୟର୍ସ ସିନିୟର ସେକେଣ୍ଡାରୀ ହାଇସ୍କୁଲର ବରିଷ୍ଠ ଅଧ୍ୟକ୍ଷ ତଥା ଏକାଡେମିକ୍ ମୁଖ୍ୟ ପ୍ରଦୀପ କୁମାର ତ୍ରିପାଠୀ, କ୍ରିଷ୍ଣମୂର୍ତ୍ତୀ ୱାର୍ଲ୍ଡ ସ୍କୁଲର ବରିଷ୍ଠ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ, ମିଶନ ରୋଡ୍ ସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୁପା ମିଶ୍ର, ଆଠଗଡ଼ ସିନିୟର ସେକେଣ୍ଡାରୀ ହାଇସ୍କୁଲର ଅଧ୍ୟକ୍ଷ ତଥା ପ୍ରଶାସନିକ ମୁଖ୍ୟ ଅନିଲ କୁମାର ମହାନ୍ତି ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷା ମିନାକ୍ଷୀ ସାହୁ, କଲେଜ ଛକ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷା ମୌସୁମୀ ଦାସ ଏବଂ ପ୍ରଧାନ ଶିକ୍ଷକ ଦ୍ୱାରିକା ଦାସ, ବାରବାଟୀ ଷ୍ଟାଡିୟମ୍ ସ୍ଥିତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ମିଶ୍ର, ପଟିଆ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷା ପିଏସ୍ ପ୍ରିୟଦର୍ଶିନୀ, ବେଲେଶ୍ୱର ଜାଭିୟର୍ସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋଗନ୍ ଜୁଡେ ମୋସେସ୍ ଏବଂ ବୁର୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଏତଦ୍ ବ୍ୟତୀକର୍ପୋରେଟର ଗଗନ ଓଝା, ଜନାର୍ଦ୍ଦନ ପରିଡ଼ା,ପ୍ରତାପ ନଗରୀ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ପ୍ରତାପ ନଗରୀ ଆଞ୍ଚଳିକ କମିଟିର ସଭ୍ୟବୃନ୍ଦ, ଜରିପଡ଼ା ଗ୍ରାମ୍ୟ କମିଟି ସଭ୍ୟବୃନ୍ଦ, ଯୁବ ପରିଷଦ ସଭାପତି ମନୋଜ ସ୍ୱାଇଁ, ସମାଜସେବୀ କୃଷ୍ଣ ମଲ୍ଲିକ, ଶୁଭେନ୍ଦୁ ମହାନ୍ତି, ଅଶୋକ ସାହୁ, ପାଣ୍ଡା କବସର ପ୍ରତିଷ୍ଠାତା ସମର୍ଥ ମହାନ୍ତି, ସ୍ନିଗ୍ଧା ମହାନ୍ତି ଓ ଆୟେଶା ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ପ୍ରମୁଖ ଉପସ୍ଥିତ ରହି ଡ଼କ୍ଟର ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଓଡିଶା ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ପ୍ରତିବାଦ

କଟକ, (ସ୍ୱପ୍ର): ସଂଘର ନିର୍ବାଚିତ ପ୍ରତିନିଧି ଥିବା ସ୍ଥଳେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କିପରି ସଭାପତି ହେଲେ ତାହା ସମସ୍ତଙ୍କୁ ବିସ୍ମିତ କରିଛି ବୋଲି ସଂଘର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଗୋଟିଏ ନିର୍ବାଚିତ କମିଟି ଥିବାବେଳେ ଆଠଗଡ ବିଧାୟକ କେଉଁ କର୍ମଚାରୀଙ୍କୁ ନେଇ ସଭାପତି ହେଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଗତ ତା ୧୨/୧୧/୨୦୨୨ରିଖ ଦିନ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ଓଡିଶାର ସମସ୍ତ ଜିଲ୍ଲା ଏବଂ ଶାଖା ସଂଘର ସମ୍ପାଦକଙ୍କୁ ନେଇ ଓଡିଶା ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ନିର୍ବାଚନ ହୋଇଥିଲା । ଉକ୍ତ ନିର୍ବାଚନରେ ପୂର୍ଣ୍ଣଚନ୍ଦ୍ର ରାଉତ ସଭାପତି ପଦରେ ୨୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ ଓ ସାଧାରଣ ସମ୍ପାଦକ ପଦରେ ପ୍ରସନ୍ନ କୁମାର ସାମଲ ୩୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ସେହି ଦିନ ଠାରୁ ଏହି କମିଟି ଆଜି ପ୍ରର୍ଯ୍ୟନ୍ତ ସଂଘର କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ କରିବା ସହ ରାଜ୍ୟ ସରକାରଙ୍କୁ ସଂଘ ପକ୍ଷରୁ ଏକ ୧୦ ଦଫା ଦାବିପତ୍ର ଦେବା ସହିତ ଉକ୍ତ ଦାବି ହାସଲ କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି । ଏବେ କିଛି ଅବସରପ୍ରାପ୍ତ କର୍ମଚାରୀ ଓ ସଂଘ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିବା କିଛି ହାତ ଗଣତି କର୍ମଚାରୀଙ୍କୁ ନେଇ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସଭାପତି ଭାବରେ ନିଜକୁ ଘୋଷଣା କରିବା ଦ୍ୱାରା କର୍ମଚାରୀଙ୍କ ଭିତରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି । ଏହା ଫଳରେ କର୍ମଚାରୀଙ୍କ ମିଳିତ ଆନ୍ଦୋଳନ ଏବଂ ଦାବି ହାସଲରେ ଏହା ଆଞ୍ଚ ଆଣିବ ବୋଲି ସଭାପତି ଓ ସାଧାରଣ ସମ୍ପାଦକ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଆଶଙ୍କା ପ୍ରକାଶ କରିଛନ୍ତି ।

# ଜିଲ୍ଲାରେ ଏସ୍‌ଆଇଆର୍ ସମ୍ପର୍କିତ ସର୍ବଦଳୀୟ ବୈଠକ

କଟକ, (ସବ୍ୟୁ):ସାରା ରାଜ୍ଯରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର.) ଲାଗୁ କରାଯାଇଅଛି । କଟକ ଜିଲ୍ଲାରେ ହେବାକୁ ଯାଉଥିବା ଏସଆଇଆର-୨୦୨୬ ସମ୍ପର୍କରେ ଆଲୋଚନା ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏସ. ଆଇ.ଆର ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା । ଏଥିସହ ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡିକୁ ଚିହ୍ନଟ କରାଯାଇ ତାଲିକାରୁ ବାଦ ଦିଆଯିବ । ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ ।

ଜିଲ୍ଲାରେ ୩୦ ମେ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ। ଏହା ସହିତ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ। ଖସଡା ଭୋଟର ତାଲିକା ୦୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବାକୁ ଥିବାବେଳେ, ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ୦୨ ସେପ୍ଟେମ୍ବର ସୁଦ୍ଧା କରାଯିବା ପରେ ୦୭ ସେପ୍ଟେମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ ।

ଉକ୍ତ ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଜିଲ୍ଲାପାଳ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବି ଏଲ ଓ ମାନଙ୍କ ଦ୍ୱାରା ଫର୍ମ ପୂରଣଠାରୁ ଆରମ୍ଭ କରି ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବା ପର୍ଯ୍ୟନ୍ତ ରାଜନୈତିକ ଦଳ ପକ୍ଷରୁ ନିୟୋଜିତ ହେଉଥିବା ବୁଥ ସ୍ତରୀୟ ଏଜେଣ୍ଟମାନେ ବି ଏଲ ଓଙ୍କୁ ସମସ୍ତ ସହଯୋଗ କରିବା ସହ ନିର୍ବାଚନ ପଂଜୀକରଣ ଅଧିକାରୀ ଓ ସହକାରୀ ଅଧିକାରୀ ମାନେ ତତ୍ପରତାର ସହ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଥ ସ୍ତରୀୟ ଅଧିକାରୀ, ବୁଥ ସ୍ତରୀୟ ଏଜେଣ୍ଟ ଓ ସମସ୍ତ ରାଜନୈତିକ ଦଳର ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ମତଦାତାମାନଙ୍କୁ ନିଜ ନାମ ଭୋଟର ତାଲିକାରେ ସଠିକ୍ ଭାବେ ରହିଛି କି ନାହିଁ ଯାଞ୍ଚ କରିବା ସହ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ରାଜନୈତିକ ଦଳ ପକ୍ଷରୁ ଭାରତୀୟ ଜନତା ପାର୍ଟୀ କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଜେଡି କଟକ ଜିଲ୍ଲା ସାଧାରଣ ସଂପାଦକ ଶ୍ରୀ ତାପସ ମହାନ୍ତି, ଜାତୀୟ କଂଗ୍ରେସ କଟକ ଜିଲ୍ଲା ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଦାସଙ୍କ ସମେତ ଆମ ଆଦମି ପାର୍ଟି ତଥା ଅନ୍ୟାନ୍ୟ ଦଳର ଅନ୍ୟ ପ୍ରତିନିଧିମାନେ ଆଲୋଚନାରେ ଉପସ୍ଥିତ ରହି ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ପ୍ରସ୍ତୁତି ସଂପର୍କରେ ଅବଗତ ହୋଇଥିଲେ।

## ଏୟାରଟେଲ୍ ପ୍ରାୟୋରିଟି ପୋଷ୍ଟପେଡ୍ ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତୀ ଏୟାରଟେଲ୍ ପ୍ରାୟୋରିଟି ପୋଷ୍ଟପେଡ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହା ଏକ ନୂତନ ସେବା ଯାହା ପୋଷ୍ଟପେଡ୍ ଉପରେ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ଏବଂ ଅଧିକ ସ୍ଥିର ଅଭିଜ୍ଞତା ପ୍ରଦାନ କରିବା ପାଇଁ ୫ଜି ସ୍ଲାଇସିଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ। ଏହି ସେବା ବିଶେଷ ଭାବରେ ବ୍ୟସ୍ତ ଗ୍ରାହକମାନଙ୍କ ପାଇଁ ନିର୍ମିତ ଯେଉଁମାନେ କାର୍ଯ୍ୟ, ମନୋରଞ୍ଜନ କିମ୍ବା ଅନଲାଇନ୍ ସହଯୋଗ ପାଇଁ ନିରବଚ୍ଛିନ୍ନ ସଂଯୋଗ ଉପରେ ନିର୍ଭର କରନ୍ତି। ଏହି ସେବା ପାଇଁ, ଏୟାରଟେଲ୍ ଏହାର ୫ଜି ନେଟୱାର୍କକୁ ସ୍ଲାଇସିଂ ପ୍ରଯୁକ୍ତିର ଉନ୍ନତ କ୍ଷମତା ସହିତ ଅପଗ୍ରେଡ୍ କରିଛି। ଶୁଭାରମ୍ଭ ବିଷୟରେ ସୂଚନା ପ୍ରଦାନ କରି, ଏୟାରଟେଲର ସିଇଓ ଶାଶ୍ୱତ ଶର୍ମା କହିଛନ୍ତି, "ଆମର ଧ୍ୟାନ ହେଉଛି ଅର୍ଥପୂର୍ଣ୍ଣ ନବସୃଜନ ପ୍ରଦାନ କରିବା ଏହା ଆମର ଗ୍ରାହକମାନଙ୍କୁ ଏକ ଉତ୍କୃଷ୍ଟ, ଅଧିକ ନିର୍ଭରଯୋଗ୍ୟ ଏବଂ ଅତୁଳନୀୟ ଅଭିଜ୍ଞତା ପ୍ରଦାନ କରେ - ସେମାନେ ଟ୍ରାଫିକରେ କ୍ଲାଏଣ୍ଟ କଲରେ ଯୋଗ ଦେଇପାରିବେ, ଏକ ଭିଡ଼ କନସର୍ଟରେ ଷ୍ଟ୍ରିମିଂ କରିପାରିବେ, କିମ୍ବା ଏକ ଭିଡ଼ ବଜାରରେ ମଧ୍ୟ ଏକ କ୍ୟାବ୍ ବୁକ୍ କରିପାରିବେ।" ଆମର ସମସ୍ତ ପୋଷ୍ଟପେଡ୍ ଯୋଜନାରେ ଗ୍ରାହକମାନଙ୍କ ପାଇଁ ଏୟାରଟେଲ୍ ପ୍ରାଥମିକତା ସେବା ଉପଲବ୍ଧ। ପୂର୍ବରୁ ଥିବା ଗ୍ରାହକମାନେ ସ୍ୱୟଂଚାଳିତ ଭାବରେ ଏହି ଲାଭ ଉପଭୋଗ କରିବା ଆରମ୍ଭ କରିବେ।

# ସ୍ମୃତି ପଟ୍ଟନାୟକଙ୍କ ସ୍ମୃତିରେ ଋଷିକୁଲ୍ୟା ପରିଷଦ ପକ୍ଷରୁ ଶୋକସଭା

କଟକ, (ସ୍ୱପ୍ର) : ଋଷିକୂଲ୍ୟା ପରିଷଦର ଉପସଭାପତି ବିଶ୍ୱଜୀତ ମିଶ୍ରଙ୍କ ଧର୍ମପନୀ ତଥା କଟକ ଏମର୍ଜୀ ଦେବୀ ମହାବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ସ୍ମୃତି ପଟ୍ଟନାୟକଙ୍କ ସ୍ମୃତିରେ ଋଷିକୂଲ୍ୟା ପରିଷଦ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ପରିଷଦର ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ତ୍ରିପାଠୀଙ୍କ ମହତାବ ରୋଡ ସ୍ଥିତ ଗ୍ଲାସ୍ ଆଣ୍ଡ ଗ୍ଲାସ୍ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ମୃତି ସଭାରେ ସ୍ମୃତି ପଟ୍ଟନାୟକ ଜଣେ ଦୃଢ଼ମନା, ଶିକ୍ଷାବିତ ଓ ଉଦାରମନା ମହିଳା ଭାବେ ବେଶ୍ ପରିଚିତ ଥିଲେ



ବୋଲି ମତ ପ୍ରକାଶ ପାଇଥିଲା । ଋଷିକୂଲ୍ୟା ପରିଷଦର ସାଧାରଣ ସମ୍ପାଦକ କୋରା ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ଉପସଭାପତି ହରିହର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ କୃଷ୍ଣ ସୁବୁଦ୍ଧି, ମନୋଜ ମହାପାତ୍ର, ଏନ୍ ଭେନୁଗୋପାଳ ଓ ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତି ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ଅଭିପସା ଇଣ୍ଟରନ୍ୟାସନାଲ ସ୍କୁଲରେ ସମର କ୍ୟାମ୍ପ

କଟକ, (ସ୍ୱପ୍ର): ଅଭିପସା ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ଚଳିତ ମାସ ୧୬ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସମର କ୍ୟାମ୍ପ-୨୦୨୬ ଆୟୋଜିତ ହୋଇଛି । ଗ୍ରୀଷ୍ମ ଛୁଟିକୁ ସୃଜନଶୀଳ ଓ ଶିକ୍ଷାମୂଳକ ଭାବେ ବ୍ୟବହାର କରିବା ସହ ପିଲାମାନଙ୍କର ମାନସିକ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଏହି କ୍ୟାମ୍ପରେ ଆର୍ଟ ଆଣ୍ଡ କ୍ରାଫ୍ଟ, ବୈଦିକ ଗଣିତ, ଆବାକସ, ନୃତ୍ୟ, ବିଜ୍ଞାନ ଦିବସ ଓ ଚଳଚିତ୍ର ଦିବସ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଘରେ ସମୟ ନଷ୍ଟ କରିବା ପରିବର୍ତ୍ତେ ପିଲାମାନେ ଏହି କ୍ୟାମ୍ପ





ମାଧ୍ୟମରେ ନୂତନ ଜ୍ଞାନ ଅର୍ଜନ କରି ନିଜର ସୃଜନଶୀଳତା ଓ ମାନସିକ ବିକାଶକୁ ଆଗକୁ ବଢ଼ାଇ ପାରୁଛନ୍ତି । ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ସକ୍ରିୟ ଯୋଗ ଦାନରେ କ୍ୟାମ୍ପଟି ସଫଳତାର ସହ ଅଗ୍ରସର ହେଉଛି । ଏହାକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ପ୍ରଚେଷ୍ଟା ଏହି କ୍ୟାମ୍ପକୁ ଫଳପ୍ରସୂ କରିଛି ବୋଲି ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁ କହିଛନ୍ତି ।

## ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ଗ୍ରାମଗୁଡ଼ିକୁ

# ସ୍ଥିର କୃଷି ପଦ୍ଧତି ଗ୍ରହଣ ଯୋଗୁ ୧୦ ହଜାର ଲୋକ ଉପକୃତ ହେଉଛନ୍ତି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଆଖପାଖ ଗ୍ରାମଗୁଡ଼ିକରେ, ଗ୍ରୀଷ୍ମ ଋତୁର ଆଗମନ ପ୍ରାୟତଃ ବୃଦ୍ଧି ପାଉଥିବା ଅନିଶ୍ଚିତତାର ଭାବନା ସହିତ ଥାଏ। ତାପମାତ୍ରା ବୃଦ୍ଧି ପାଇବା ଏବଂ ଜଳଭଣ୍ଡାର ହ୍ରାସ ପାଇବା ସହିତ, ଚାଷୀମାନେ ଆକାଶ ଆଡକୁ ମୁଣ୍ଡ ଟେକି ବର୍ଷାର ସଙ୍କେତ ଅପେକ୍ଷା କରନ୍ତି, ଯାହା ବର୍ଷ ବର୍ଷ ଧରି ଅନିୟମିତ ହୋଇ ଆସୁଛି। ପିଢ଼ି ପରେ ପିଢ଼ି ଧରି, ଏହି ଅଂଚଳର କୃଷି ମୌସୁମୀ ଉପରେ ଅତ୍ୟଧିକ ନିର୍ଭରଶୀଳ ରହିଛି, ଯାହା ଫଳରେ ହଜାର ହଜାର ଚାଷୀ ପରିବାର ଫସଲ ବିଫଳତା, ଆୟ ହ୍ରାସ ଏବଂ ଋତୁକାଳୀନ ପ୍ରବାସର ଶିକାର ହେଉଛନ୍ତି। କଳାହାଣ୍ଡି ଭଳି ଜିଲ୍ଲାଗୁଡ଼ିକରେ, ପରିବର୍ତ୍ତନଶୀଳ ବର୍ଷା ଢାଂଚା ଏବଂ ଜଳ ଅଭାବ ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ନିରନ୍ତର ତୀବ୍ର କରିଛି। ତଥାପି, ଆଜି ବେଦାନ୍ତ ଆଲୁମିନିୟମର ସହାୟତାରେ ଲାଞ୍ଜିଗଡ଼ ନିକଟବର୍ତ୍ତୀ



ଗାଁରେ ଏକ ନୀରବ ପରିବର୍ତ୍ତନ ଏହି ବାସ୍ତବତାକୁ ପୁନଃଆକୃତି ଦେବା ଆରମ୍ଭ କରିଛି, ଯାହା ସ୍ଥାନୀୟ ଜଳ ପ୍ରଣାଳୀର ପୁନରୁଦ୍ଧାର, ବୈଜ୍ଞାନିକ ଜଳଛାୟା ଯୋଜନା ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ଆଗେଇ ନେଉଛି। ଏହାର ପ୍ରୟାସ ଦ୍ୱାରା, ଯେଉଁ ଗାଁଗୁଡ଼ିକ ପୂର୍ବରୁ ବାରମ୍ବାର ଜଳ କଷ୍ଟ ସହିତ ସଂଘର୍ଷ କରୁଥିଲେ, ସେମାନେ ଧୀରେ ଧୀରେ ନିର୍ଭରଯୋଗ୍ୟ ଜଳସେଚନ ଉତ୍ସ ଫେରି ପାଇବା ଏବଂ ନିର୍ଭରଯୋଗ୍ୟ ଜୀବିକା ଭାବରେ କୃଷି ଉପରେ ପୁନଃ ଆତ୍ମବିଶ୍ୱାସ ବୃଦ୍ଧି ପାଇବାର ଲକ୍ଷ୍ୟ କରୁଛନ୍ତି।

ବେଦାନ୍ତ ଆଲୁମିନିୟମର ଜଳଛାୟା ବିକାଶ ପଦକ୍ଷେପ, ପ୍ରୋଜେକ୍ଟ ସଙ୍ଗମ କଳାହାଣ୍ଡିର ୪୧ଟି ଗାଁର ୮୦୦ ଏକରରୁ ଅଧିକ ଚାଷ ଜମିରେ ଜଳସେଚନ ସୁବିଧା ଉପଲବ୍ଧ କରାଇଛି, ଯାହା ୯,୦୦୦ ରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସ୍ଥାନୀୟ ଚାଷୀ ସମ୍ପ୍ରଦାୟ ପାଇଁ, ଏହି ପଦକ୍ଷେପ ଏକ ସ୍ଥାୟୀ ଏବଂ ନିର୍ଭରଯୋଗ୍ୟ ଜୀବିକା ଭାବରେ କୃଷି ଉପରେ ବିଶ୍ୱାସ ଫେରାଇ ଆଣିବାରେ ସାହାଯ୍ୟ କରୁଛି। କାର୍ଯ୍ୟକ୍ରମର ମୂଳରେ ଏକ ସରଳ କିନ୍ତୁ ଶକ୍ତିଶାଳୀ ଧାରଣା ରହିଛି: ପ୍ରାକୃତିକ ଭାବରେ ଉପଲବ୍ଧ ସ୍ଥାନରେ ବର୍ଷାଜଳ ସଂରକ୍ଷଣ କରିବା। ପାରମ୍ପରିକ ଜଳଭଣ୍ଡାରକୁ ପୁନର୍ଜୀବିତ କରି, ସ୍ଥାନୀୟ ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରି ଏବଂ ବୈଜ୍ଞାନିକ ଭାବରେ ମୌସୁମୀ ପ୍ରବାହ ପରିଚାଳନା କରି, ଏହି ପଦକ୍ଷେପ ୧୧ ଲକ୍ଷ ଘନ ମିଟରରୁ ଅଧିକ ଜଳ ପୁନଃଭରଣ ସମ୍ଭାବନା ସୃଷ୍ଟି କରିଛି। ଏହା ଜିଲ୍ଲାର ଅନେକ ସ୍ଥାନରେ ଭୂତଳ ଜଳ ଉପଲବ୍ଧତାରେ ଯଥେଷ୍ଟ ଉନ୍ନତି ଆଣିଛି, ଯାହା ନିଶ୍ଚିତ କରୁଛି ଯେ ମୌସୁମୀ ଋତୁ ପରେ ମଧ୍ୟ ପାଣି ସୁଗମ ରହିବ। କୃଷି କ୍ଷେତ୍ରରେ ଏହାର ପ୍ରଭାବ ବର୍ଦ୍ଧିତ ଭାବରେ ଦୃଶ୍ୟମାନ ହେଉଛି। ଗୋଟିଏ ଫସଲଚକ୍ର ପରେ ଶୁଷ୍କ ରହୁଥିବା ଜମି ଏବେ ବିସ୍ତାରିତ ଚାଷ ଏବଂ ବହୁ ଫସଲ ଋତୁକୁ ସମର୍ଥନ କରୁଛି। ଉନ୍ନତ ମାଟିର ଆର୍ଦ୍ରତା ସଂରକ୍ଷଣ ଏବଂ ସ୍ଥିର ଭୂତଳ ଜଳ ସ୍ତର ଚାଷୀମାନଙ୍କୁ ଅଧିକ ନିଶ୍ଚିତତାର ସହିତ କୃଷି କାର୍ଯ୍ୟକଳାପ ଯୋଜନା କରିବାକୁ ସକ୍ଷମ କରୁଛି, ଯାହା ଅପ୍ରତ୍ୟାଶିତ ବର୍ଷା ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରୁଛି।ଅନେକଙ୍କ ପାଇଁ, ପରିବର୍ତ୍ତନ ପରିବର୍ତ୍ତନକାରୀ ହୋଇଛି।

